# ଓଡିଶା ସରକାର
# ଉଚ୍ଚଶିକ୍ଷା ବିଭାଗ

**6-N A. e-Admission କ'ଣ ଏବଂ ଏହା କେଉଁ କଲେଜମାନଙ୍କରେ ଆରମ୍ଭ କରାଯିବ ?**

୧. ଓଡିଶା ସରକାର 2009-10 ଶିକ୍ଷାବର୍ଷଠାରୁ +୨ ସ୍ତରରେ ୫୦ଟି ସରକାରୀ ଜୁନିୟର ମହାବିଦ୍ୟାଳୟ, ବେସିକ୍ ସାଇନସ୍ କଲେଜ୍, OUAT, ଭୁବନେଶ୍ୱର ଏବଂ ରାୟଗଡା, ନବରଙ୍ଗପୁର, ସୋନପୁର, ବୌଦ୍ଧ, ଦେବଗଡ, ଝାରସୁଗୁଡା, ନୟାଗଡ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାମାନଙ୍କର ସଦର ମହକୁମାରେ ଥିବା ଜୁନିଅର କଲେଜମାନଙ୍କରେ ଚିରାଚରିତ ନାମଲେଖା ପ୍ରଣାଳୀ ପରିବର୍ତ୍ତନ କରି e-Admission ବ୍ୟବସ୍ଥା ପ୍ରଚଳନ କରିବାକୁ ଯାଉଛନ୍ତି ।

୨. ଏହି ୬୦ଟି ଜୁନିଅର କଲେଜ ନାମଲେଖା ପାଇଁ ଏକ ସ୍ୱତନ୍ତ୍ର ଦରଖାସ୍ତ ଫର୍ମ (Common Application-Form-CAF) ପ୍ରସ୍ତୁତ କରାଯାଇଛି । ସମସ୍ତ ୬୦ଟି ଜୁନିଅର କଲେଜର ବିଷୟରେ ସମ୍ମିଳିତ ତଥ୍ୟ ଏକ ସୂଚନା ପୁସ୍ତିକା (Common Prospectus-CP) ରେ ସ୍ଥାନିତ କରାଯାଇଛି । ଉଭୟ ଦରଖାସ୍ତ ଫର୍ମ (CAF) ଏବଂ ସୂଚନା ପୁସ୍ତିକା (CP) ଉଚ୍ଚଶିକ୍ଷା ବିଭାଗର website ରୁ (www.dheorissa.in) କପି କରାଯାଇ ପାରିବ କିମ୍ବା ଯେକୌଣସି ୬୦ଟି କଲେଜମାନଙ୍କରୁ ତା ୨୨.୦୬.୨୦୦୬ରିଖଠାରୁ ଯଥାକ୍ରମେ ଟ, 10/-(CAF) ଓ ଟ.20/- (CP) ରେ କ୍ରୟ କରାଯାଇ ପାରିବ । ଓଡିଶା ସରକାରଙ୍କ Toll free ନମ୍ବର 155335ରେ ଫୋନ କରି ଆବେଦନକାରୀମାନେ ଏ ବିଷୟରେ ଅଧିକ ବିବରଣୀ ଜାଣିପାରିବେ ।

୩. +୨ ସ୍ତରରେ ନାମ ଲେଖାଇବା ପାଇଁ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ (BSE, Orissa) କିମ୍ବା ସମତୁଲ୍ୟ ବୋର୍ଡ (Equivalent Board) ରୁ ଦଶମ ଶ୍ରେଣୀ ପାସ୍ କରିଥିବା ଦରକାର ।

୪. Important Dates: ଏହା ସୂଚନା ପୁସ୍ତିକା (CP) ରେ ଉଲ୍ଲେଖ ଅଛି (Item 5.2) । ଏହି ତାରିଖଗୁଡିକ ଅନୁସାରେ e-Admission ର ବିଭିନ୍ନ କାର୍ଯକ୍ରମ କରାଯିବ । BSE,Orissa ର ୨୦୦୯ ମସିହାର $10^{th}$ Board ପରୀକ୍ଷା ଫଳ ପ୍ରକାଶ ପରେ ଏ ତାରିଖମାନଙ୍କରେ ସାମାନ୍ୟ କିଛି ପରିବର୍ତ୍ତନ କରାଯାଇପାରେ ।

**B. e-Admission ପାଇଁ କିପରି ଆବେଦନ କରିବେ ?**

୧. ଗୋଟିଏ ଦରଖାସ୍ତ ଫର୍ମ (CAF) ରେ ଯେ କୌଣସି ୬୦ଟି ଜୁନିଅର ମହାବିଦ୍ୟାଳୟର କୌଣସି ଉପଲବ୍ଧ ବିଷୟ (କଳା, ବିଜ୍ଞାନ ଓ ବାଣିଜ୍ୟ) ପାଇଁ  ଆବେଦନ କରାଯାଇପାରିବ । ଗୋଟିଏ CAF ରେ ଜଣେ ଆବେଦନକାରୀ ବହୁ ସଂଖ୍ୟକ ପସନ୍ଦ (OPTION) ପାଇଁ ଆବେଦନ କରିପାରିବେ । ମୂଳ CAF ରେ ୧୩ଟି ପସନ୍ଦ ଦେବା ପାଇଁ ବ୍ୟବସ୍ଥା ଥିବାବେଳେ ଜଣେ ଆବେଦନକାରୀ  ଅତିରିକ୍ତ ଫର୍ମ (additional form) ମଧ୍ୟ ଯୋଗକରି ଅଧିକ ପସନ୍ଦଗୁଡିକ ପାଇଁ ଆବେଦନ କରିପାରିବେ ।

୨. ଗୋଟିଏ କଲେଜର ଗୋଟିଏ ବିଷୟକୁ (ଯଥା- ରେଭେନ୍ସା ଜୁନିଅର ମହାବିଦ୍ୟାଳୟ- ବିଜ୍ଞାନ) କୁ ଗୋଟିଏ ପସନ୍ଦ ବୋଲି ଧରାଯିବ । ସେହି କଲେଜର ଦ୍ୱିତୀୟ ବିଷୟ (ଯଥା କଳା-) ପାଇଁ ଆବେଦନ କଲେ, ତାହା ଦ୍ୱିତୀୟ  ପସନ୍ଦ ଭାବେ ଧରାଯିବ ।

୩. ଅଧିକ ସଂଖ୍ୟକ ପସନ୍ଦ ପାଇଁ ଆବେଦନକାରୀଙ୍କୁ ଅଧିକ ଦେୟ ଦେବାକୁ ପଡିବ । ପ୍ରଥମ ପାଞ୍ଚଟି ପସନ୍ଦ ପାଇଁ ଦେୟ ହାର ୫୦ ଟଙ୍କା ଥିବା ବେଳେ, ଷଷ୍ଠ ରୁ ନବମ ପସନ୍ଦ ପାଇଁ ଦେୟ ହାର ୭୫ ଟଙ୍କା ଏବଂ ଦଶମରୁ ତ୍ରୟୋଦଶ ($13^{th}$ ) ପସନ୍ଦ ପାଇଁ ଦେୟ ହାର ୧୦୦ ଟଙ୍କା ରଖାଯାଇଛି । ସେହିଭଳି ଚତୁର୍ଦ୍ଦଶ ($14^{th}$ ) ପସନ୍ଦ ବା ତା'ଠାରୁ ଉର୍ଦ୍ଧ ପସନ୍ଦ ପାଇଁ ଦେୟ ହାର ୨୦୦ ଟଙ୍କା ରଖାଯାଇଛି । ଉଦାହରଣ: ଜଣେ ଆବେଦନକାରୀ ଯଦି ୫ଟି ପସନ୍ଦ(5 options) (କଲେଜ ଓ ବିଷୟ) ନିଜ CAF ରେ ଦେଇଥାଏ, ତାହେଲେ ତାଙ୍କୁ ୨୫୦ ଟଙ୍କା ଫିସ୍ ଆକାରରେ ଦେବାକୁ ପଡିବ । କିନ୍ତୁ ୯ଟି ପସନ୍ଦ (9 options) ପୂରଣ କରିଥିଲେ, ତାଙ୍କୁ ୫୫୦ ଟଙ୍କା ଏବଂ ୧୩ଟି ପସନ୍ଦ ପାଇଁ ତାଙ୍କୁ ୯୫୦ ଟଙ୍କା ଦେୟ ଦେବାକୁ ପଡିବ ।

୪. ଜଣେ ଆବେଦନକାରୀ କେବଳ ଗୋଟିଏ CAF ପୂରଣ କରିପାରିବେ ଏବଂ ଯେକୌଣସି ୬୦ଟି ଜୁନିଅର ମହାବିଦ୍ୟାଳୟରେ ଏହାକୁ ଦାଖଲ କରିପାରିବେ । ଦୁଇଟି ବା ଅଧିକ CAF ଦାଖଲ କଲେ, ଆବେଦନକାରୀଙ୍କ ସମସ୍ତ CAF ଗୁଡିକ ଖାରଜ (reject) କରିଦିଆଯିବ ।

୫. ଏ ସମସ୍ତ ବିଷୟ ସୂଚନା ପୁସ୍ତିକାରେ (CP) ଉଲ୍ଲେଖ ହୋଇଛି । ଦରଖାସ୍ତ  କରିବା ପୂର୍ବରୁ ଅଭିଭାବକ ଓ ଆବେଦନକାରୀ ଏହାକୁ ଭଲ ଭାବରେ ପଢନ୍ତୁ । ବିଶେଷ କରି ପସନ୍ଦ (option) ଗୁଡିକ ପୂରଣ କରିବା ପୂର୍ବରୁ ନିଜର ନମ୍ବର ଏବଂ ବିଗତ ବର୍ଷମାନଙ୍କରେ ବିଭିନ୍ନ କଲେଜମାନଙ୍କର (cut off ନମ୍ବର ବା percentage (CP ରେ ଉପଲବ୍ଧ) ସହ ତୁଳନା କରନ୍ତୁ । ସେହିପରି (CAF) ସହିତ କେଉଁ କେଉଁ document ଦାଖଲ କରାଯିବ ତାହା ସୂଚନା ପୁସ୍ତିକାରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । (CP item No.5.6)

୬. ତା ୦୯.୦୭.୨୦୦୯ରିଖ ମଧ୍ୟରେ ବା BSE (O) ର 10th ପରୀକ୍ଷା ଫଳ ବାହାରିବାର ୧୫ ଦିନ ପର୍ଯ୍ୟନ୍ତ ଆବେଦନକାରୀ ଯେକୌଣସି ୬୦ଟି ଜୁନିଅର କଲେଜମାନଙ୍କରେ ଦେୟ ସହ CAF ଦାଖଲ କରିପାରିବେ । ଯେଉଁଠାରେ ଜଣେ CAF ଦାଖଲ କରିବେ, ସେଇ କଲେଜ ତାଙ୍କ ପାଇଁ Applied College ଭାବରେ ବିବେଚିତ ହେବ । Applied College ଆବେଦନକାରୀଙ୍କୁ ଗୋଟିଏ ରସିଦ୍ ସହ କ୍ରମାଙ୍କ (Money receipt with Index number) ଦେବ । ଏହି କ୍ରମାଙ୍କ ସମ୍ମିଳିତ ରସିଦ୍ ପରବର୍ତ୍ତୀ ଅବସ୍ଥାରେ ଦରଖାସ୍ତ (CAF ର ସ୍ଥିତି ଜାଣିବାରେ ଏବଂ ନାମଲେଖା ସମୟରେ କାର୍ଯ୍ୟରେ ଆସିବ । ଏ ବିଷୟରେ ଅଧିକ ସୂଚନା ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ବା ନାମଲେଖା ଦାୟିତ୍ୱରେ ଥିବା ଅଧ୍ୟାପକଙ୍କ ସହ ପରାମର୍ଶ ବା Toll free number ୧୫୫୩୩୫କୁ ଫୋନ କରି ଜାଣିପାରିବେ ।

**C. e-Admission ରେ ଚୟନ ପ୍ରକ୍ରିୟା ଓ ନାମଲେଖା**

୧. ସମସ୍ତ ଦରଖାସ୍ତ (CAF) କୁ କମ୍ପ୍ୟୁଟର ମାଧ୍ୟମରେ Processing କରାଯାଇ ନାମଲେଖା ପାଇଁ ଚୟନ କରାଯିବ । ଆବେଦନକାରୀଙ୍କ ଦଶମ ଶ୍ରେଣୀ (Board ରେ ରଖିଥିବା ନମ୍ବର ତଥା ପସନ୍ଦ କରୁଥିବା ଜୁନିଅର କଲେଜ ଓ ବିଷୟ ଆଧାରରେ ଚୟନ କରାଯିବ । ଏହି ଚୟନରେ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ଏବଂ ବିଭିନ୍ନ କାର୍ଯ୍ୟ ପାଇଁ weightage ବ୍ୟବସ୍ଥା ପ୍ରଚଳିତ ଆଇନ ଅନୁସାରେ ଲାଗୁ କରାଯିବ । ସେହିଭଳି ଓଡିଶା ବାହାରେ ରହୁଥିବା ଓଡିଆ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ ପାଇଁ ଏବଂ ଓଡିଶା ବାହାରର ଛାତ୍ରଛାତ୍ରୀଙ୍କ ପାଇଁ ପୂର୍ବ ବିଜ୍ଞପିତ ସର୍ତ୍ତଗୁଡିକ ପ୍ରଚଳିତ ରହିବ ।

୨. ପ୍ରଥମ ଚୟନ ତାଲିକା ପୂର୍ବ ନିର୍ଦ୍ଧାରିତ ଦିନରେ ପ୍ରକାଶ କରାଯିବ । ଏହା ସମସ୍ତ ୬୦ଟି ଜୁନିଅର କଲେଜର ନୋଟିସ୍ ବୋର୍ଡରେ ଓ ଉଚ୍ଚଶିକ୍ଷା ବିଭାଗର Website(www.dheorissa.in) ରେ ଉପଲବ୍ଧ ହେବ । ଚୟନ ହୋଇଥିବା ଆବେଦନକାରୀଙ୍କୁ (ଯେଉଁମାନେ CAF ରେ ନିଜ ମୋବାଇଲ୍ ନମ୍ବର ଦେଇଥିବେ)SMS ମାଧ୍ୟମରେ ଜଣାଇ ଦିଆଯିବ । ଆବେଦନକାରୀଙ୍କୁ ପତ୍ର ମାଧ୍ୟମରେ ଏବଂ Toll free number ୧୫୫୩୩୫ ମଧ୍ୟ ଚୟନ ତଥ୍ୟ ମିଳିପାରିବ ।

୩. ଯେଉଁ ଜୁନିଅର କଲେଜରେ ଆବେଦନକାରୀ ନାମଲେଖାଇବାକୁ Select ହେବେ, ତାହାକୁ Destination College କୁହାଯିବ । ଯଦି Applied College ଓ Destination College ସମାନ ହୋଇଥାଏ ତାହେଲେ Applied College ରେ ଦରଖାସ୍ତକାରୀ ସୂଚନା ପୁସ୍ତିକାରେ ବା Intimation ପତ୍ରରେ ଲିଖିତ ଆନୁସଂଗିକ କାଗଜପତ୍ର ଓ ପ୍ରାପ୍ୟ ଦାଖଲ କରି ସିଧାସଳଖ Final Admission ନେଇପାରିବେ ।

୪. ଯଦି Applied College ଓ Destination College ପୃଥକ ହୋଇଥାଏ, ତେବେ ଦରଖାସ୍ତକାରୀ Applied College ରେ ପ୍ରାଥମିକ ନାମ ଲେଖାଇବେ ଏବଂ Destination College ରେ ପାଠ୍ୟକ୍ରମ ଆରମ୍ଭ ହେବାର (ଆପାତତଃ ତା ୧୯..୮.୨୦୦୯ରିଖ) ଦୁଇଦିନ ପୂର୍ବରୁ Final Admission ନେବେ ।

୫. ସାଧାରଣ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବା, ମାନସିକ ଚାପ ଓ ଅନିଶ୍ଚିତତାରୁ ମୁକ୍ତି କରିବା e-Admission ବ୍ୟବସ୍ଥାର ଲକ୍ଷ୍ୟ । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ମାଧ୍ୟମରେ ନାମଲେଖା ବ୍ୟବସ୍ଥା ଦକ୍ଷ ଓ ସ୍ୱଚ୍ଛ କରାଯାଇ ପାରିବ । ଏହା ଏକ ନୂତନ ବ୍ୟବସ୍ଥା ହୋଇଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହଯୋଗ ଆବଶ୍ୟକ ।